# ଓଲଟିଲା କାର; ବର୍ତ୍ତିଗଲେ ୪ ଯାତ୍ରୀ



**ବଣାଇଁ,୧୯।୨(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥର ଏକଲବ୍ୟ ସ୍କୁଲ ତାରିଣୀ ମନ୍ଦିର ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଓଲଟି ପଡ଼ିଛି।

ଓଡି ୧୪ ୱାଇ ୫୩୭୧ ନମ୍ବର ବିଶିଷ୍ଟ କାର୍ ଯୋଗେ କିଛି ଯାତ୍ରୀ ନରେନ୍ଦ୍ର ପଟୁ ରାଜାମୁଣ୍ଡା ପଟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତା ଡିଭାଇଡର୍‌ରେ ପିଟି ହୋଇଯାଇଥିଲା। ଫଳରେ କାର୍‌ଟି ରାସ୍ତା ତଳକୁ ଖସି ଓଲଟି ପଡ଼ିଥିଲା। ଏଥିରେ ବସିଥିବା ଚାରି ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଥିବାବେଳେ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଲହୁଣୀପଡ଼ା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ମଦ ଓ ପୋଚ ଜବତ; ୧୨ ଗିରଫ

**ରାଉରକେଲା,୧୯।୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ବିଶ୍ରା ଓ ଟାଙ୍ଗରପାଲି ଥାନାଞ୍ଚଳରେ ଚଢ଼ଉ କରାଯାଇ ଦେଶୀ ମଦ ଓ ପୋଚ ଜବତ କରାଯାଇଛି। ଏହି ବେଆଇନ୍ କାରବାରରେ ଜଡ଼ିତ ଥିବା ବିଶ୍ରା ଥାନା ଅନ୍ତର୍ଗତ ଖାଟଙ୍ଗଟୋଲିର ଶୁକଦେବ ଲୋହାର, ଲକ୍ଷ୍ମୀ କୁମାର, ଯଶୋମତି ଭୋକତା, ବୁଦ୍ଧନ ଭକ୍ତ, ସୁଲୋଚନ ଧୋବା, ଧନସିଂହ କୁମାର, ଲୁଣ୍ଡି କମାର ଓ ଫଗନି ଭକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ଟାଙ୍ଗରପାଲି ଥାନା ବଡ଼ ସୋନା ପର୍ବତର ଅଜୟ ସିଂହ, ଗୀତା ମହାକୁଡ଼, ଟାଙ୍ଗରପାଲିର ସନ୍ତୋଷ ଟେକମ୍ ଓ ମୁଣ୍ଡାରି ବସ୍ତିର ସୁଖରାମ ଜୋଜୋଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ମୋଟ ୩୩୩ ଲିଟର ମଦ ଓ ୨୨୨୦ କେଜି ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରି ଦିଆଯାଇଛି।

### ସମ୍ବେଦନଶୀଳ ୨ ହତ୍ୟା ଘଟଣା ଏବେ ରହସ୍ୟଘେରରେ

# ଉଭୟ ହତ୍ୟା ପଛରେ ଜଣେ ମହିଳାଙ୍କ ହାତ!

**ରାଉରକେଲା,୧୯।୨(ସମିସ)**

ରାଉରକେଲାରେ ସଦ୍ୟ ଘଟି ଯାଇଥିବା ଦୁଇ ଦୁଇଟି ସମ୍ବେଦନଶୀଳ ହତ୍ୟାକାଣ୍ଡ ଏବେ ବି ରହସ୍ୟ ଘେରରେ ରହିଛି। ଗୋଟିଏ ହେଉଛି ରାଉରକେଲା ସିଭିଲ ଟାଉନସିପ୍ ଅଞ୍ଚଳର କୋଇଲା ବ୍ୟବସାୟୀ ବିନୋଦ ଦାରୁକା(୬୪) ଏବଂ ଅନ୍ୟଟି ବିନୋଦଙ୍କ ଅଫିସ୍‌ରେ କାର୍ଯ୍ୟ କରୁଥିବା ମହିଳା ପି. ଦୀପା ରାୟ(୩୨)। ଉଭୟ ହତ୍ୟାକାଣ୍ଡର ତରିକା ପ୍ରାୟ ସମାନ। ଉଭୟଙ୍କୁ ଅପହରଣ ପରେ କୌଣସି ମାରଣାସ୍ତ୍ରରେ ହତ୍ୟା କରାଯାଇଛି। ପ୍ରମାଣ ଲୁଚାଇବାକୁ ହତ୍ୟା ପରେ ଉଭୟଙ୍କ ଶବକୁ ଅନ୍ୟତ୍ର ଫିଙ୍ଗି ଦିଆଯାଇଛି। ଦୀପାଙ୍କ ଅପହରଣ ଓ ହତ୍ୟାକାଣ୍ଡର ଦୁଇ ଦିନ ପରେ ବିନୋଦଙ୍କୁ ଅପହରଣ କରି ହତ୍ୟା କରାଯାଇଛି। କୋଇଲା ବ୍ୟବସାୟୀ ବିନୋଦଙ୍କ ରକ୍ତରଞ୍ଜିତ ଶବ କୁତ୍ରା ଥାନା ଗମାରଡିହ ନିକଟ ରାସ୍ତା କଡ଼ରୁ ମିଳିଥିବାବେଳେ ମହିଳା କର୍ମଚାରୀ ଦୀପାଙ୍କ ଅର୍ଦ୍ଧଦଗ୍ଧ ଶବ ଚାନ୍ଦିପୋଷ ଥାନା କୁମାକେଲା ପୋଲ ତଳୁ ପୁଲିସ ଉଦ୍ଧାର କରିଥିଲା। ତେବେ ପୁଲିସକୁ ଏ ବାବଦରେ ଯଦିଓ ସଫଳତା ମିଳିଛି, ତାହା ଯଥେଷ୍ଟ ନୁହେଁ, ତେଣୁ ପୁଲିସ ତନାଘନା ଜାରି ରଖିଛି। କୋଇଲା ବ୍ୟବସାୟୀ ବିନୋଦ ଓ ଯୁବତୀଙ୍କ ହତ୍ୟାକାଣ୍ଡ ପଛରେ ଜଣେ ମହିଳା ଏବଂ ତାଙ୍କ ସହଯୋଗୀଙ୍କ ହାତ ରହିଛି ବୋଲି ଚର୍ଚ୍ଚା ହେଉଛି।





ସୂଚନାଯୋଗ୍ୟ ଯେ ରଘୁନାଥପାଲି ଥାନା ସିଭିଲ ଟାଉନସିପ୍ ଅଞ୍ଚଳର ଡି-୪/୧ କ୍ୱାର୍ଟର୍‌ରେ ବିନୋଦ ଦାରୁକା ତାଙ୍କ ପତ୍ନୀଙ୍କ ସହ ରହୁଥିଲେ। ଗତ ୧୪ ତାରିଖରେ ବିନୋଦ ଘରୁ ତାଙ୍କ ଓଡି ୧୪ ଏସ୍ ୮୮୯୯ କାର୍‌ରେ ବାହାରି ଆଉ ଫେରିନଥିଲେ। ତାଙ୍କ ଫୋନ ସୁଇଚ୍ ଅଫ୍ ରହିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ୧୫ ତାରିଖ ଦିନ ପୁଲିସକୁ ଜଣାଇଥିଲେ। ସେପଟେ କୁତ୍ରା ଥାନା ଗମାରଡିହ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ୧୪ ତାରିଖ ରାତିରେ ଏକ ଅଚିହ୍ନା ଶବ ମିଳିବା ପରେ ପୁଲିସ ସୋସିଆଲ ମିଡିଆରେ ତାଙ୍କ ଫଟୋ ଜାରି କରି ଶବକୁ ରାଜଗାଙ୍ଗପୁର ହସ୍ପିଟାଲରେ ରଖିଥିଲେ। ଯାହାକୁ ପରିବାର ଲୋକେ ଚିହ୍ନଟ କରିଥିଲେ। ପରିବାର ବର୍ଗ ବିନୋଦଙ୍କ ଶବକୁ ସମ୍ବଲପୁର ସ୍ଥିତ ତାଙ୍କ ଘରକୁ ନେଇ ସେଠାରେ ଅନ୍ତିମ ସଂସ୍କାର କରିଥିବା ସୂଚନା ମିଳିଛି। ବିନୋଦଙ୍କ କାର୍‌କୁ ରାଜଗାଙ୍ଗପୁର ଥାନା ସୋନାଖାନ ରେଳ ଫାଟକ ନିକଟରୁ ପୁଲିସ ଉଦ୍ଧାର କରିଥିଲା। ହତ୍ୟାକାରୀମାନେ କାର ଲୁଟି ନେବା ବେଳେ ସମ୍ଭବତଃ ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ସେଠାରେ ଛାଡ଼ି ପଳାଇଥିବା ସନ୍ଦେହ କରାଯାଉଛି। ଏବେ କୁତ୍ରା ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସେପଟେ ଏହି ଘଟଣାର ଦୁଇଦିନ ପୂର୍ବରୁ ଘଟିଥିବା ଜଣେ ମହିଳାଙ୍କ ହତ୍ୟା ଘଟଣାକୁ ନେଇ ପୁଲିସ ଚିନ୍ତାରେ ଥିବାବେଳେ ଚାନ୍ଦିପୋଷ ଥାନାରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଅନ୍ୟତ୍ର କେଉଁଠି ମହିଳାଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ଶବକୁ ଚାନ୍ଦିପୋଷ ଠାରେ ପୋଲ ତଳେ ଫିଙ୍ଗି ଦେଇଥିଲେ ହତ୍ୟାକାରୀ। ଏପରିକି ମହିଳାଙ୍କ ମୁହଁରେ କିରାସିନି ଢାଳି ଦୁର୍ବୃତ୍ତମାନେ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ଫଳରେ ପୁଲିସକୁ ଶବ ଚିହ୍ନଟ ପାଇଁ ଅସୁବିଧା ହୋଇଥିଲା। ଅନ୍ୟପକ୍ଷରେ କୋଇଲା ବ୍ୟବସାୟୀ ବିନୋଦଙ୍କ ଅଫିସରେ କାର୍ଯ୍ୟ କରୁଥିବା ପି. ଦୀପା ରାୟ(୩୨)ଙ୍କ ନିଖୋଜ ନେଇ ରଘୁନାଥପାଲୀ ଥାନାରେ ରିପୋର୍ଟ ହୋଇଥିବାରୁ ଚାନ୍ଦିପୋଷ ଥାନା ପକ୍ଷରୁ ଜାରି ଅର୍ଦ୍ଧଦଗ୍ଧ ମହିଳାଙ୍କ ଶବ ଦୀପାଙ୍କର ବୋଲି ଚିହ୍ନଟ କରାଯାଇଥିଲା। ଦୀପାଙ୍କ ସାଲୱାର, କୁର୍ତ୍ତି ଏବଂ ଝୁଣ୍ଟିଆ ଦେଖି ତାଙ୍କ ମାଆ ତାଙ୍କୁ ଚିହ୍ନି ପାରିଥିବା କୁହାଯାଉଛି। ମୃତା ମହିଳା ଦୀପା ସ୍ୱାମୀ ଛାଡ଼ି ଚାଲି ଯାଇଥିବା ବେଳେ ସେ ତାଙ୍କର ୨ଟି ସନ୍ତାନକୁ ନେଇ ମାନଟୋଲା ବସ୍ତିରେ ରହୁଥିବା ସହ ବିନୋଦଙ୍କ କାର୍ଯ୍ୟାଳୟରେ ଚାକିରି କରି ନିଜ ପରିବାର ପ୍ରତିପୋଷଣ କରିଥିଲେ। ଏହି ଦୁଇ ହତ୍ୟାକାଣ୍ଡ ଘଟଣାରେ ପୁଲିସ ୩/୪ ଜଣଙ୍କୁ ଧରିଥିବା କୁହାଯାଉଛି। ଦୀପାଙ୍କର ଜନୈକ ସମ୍ପର୍କୀୟା କିଛି ସହଯୋଗୀଙ୍କୁ ନେଇ ଉଭୟ ଦୀପା ଏବଂ ବିନୋଦଙ୍କୁ ହତ୍ୟା କରିଥିବା ଏକ ସୂତ୍ରରୁ ଶୁଣିବାକୁ ମିଳୁଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏହି ଉଭୟ ସମ୍ବେଦନଶୀଳ ହତ୍ୟାକାଣ୍ଡର ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରୁଛନ୍ତି। ରାଉରକେଲା ଓ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପକ୍ଷରୁ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଉଭୟ ଘଟଣାର ଛାନଭିନ୍ କରାଯାଉଛି।

ତେବେ ଘଟଣାରେ ୩/୪ ଜଣ ହତ୍ୟାକାରୀଙ୍କୁ ପୁଲିସ ଇତି ମଧ୍ୟରେ କାବୁ କରି ଅଧିକ ପଚରାଉଚରା କରୁଛି। ଉଭୟ ଘଟଣାର କିଛି ହତ୍ୟାକାରୀ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ଫେରାର ହୋଇଯାଇଥିବା ସୂଚନା ମିଳିବା ପରେ ପୁଲିସର ଏକ ଟିମ୍ ଝାଡଖଣ୍ଡ ଯାଇଥିବା କୁହାଯାଉଛି। ଉଭୟ ଘଟଣାର ତଦନ୍ତ ଜାରି ରହିଥିବାରୁ ପୁଲିସ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

# ଛେଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ରାଉରକେଲା,୧୯।୨(ସମିସ):** ସ୍ଥାନୀୟ ଛେଣ୍ଡ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ବାଳା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ରା ସହ ଶିକ୍ଷାଧିକାରୀ ସତ୍ୟଭାମା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ, କର୍ତ୍ତବ୍ୟବୋଧ, ଅଭିଭାବକଙ୍କ ଦାୟିତ୍ୱ, ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ରାଜକୁମାର ମହାନ୍ତି ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ଅନିଲ ଦାସ, କୁଞ୍ଜବିହାରୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନ ଦୁର୍ମୂଲ୍ୟ ସମୟ, ଏହାକୁ ଅପଚୟ ନ କରି କଠୋର ଅଧ୍ୟବସାୟ ସହ ଲକ୍ଷ୍ୟ ସାଧନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବଦ୍ରିନାରାୟଣ ପାଢ଼ୀ, ବିଦ୍ୟୁତ କଲୋନୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ରାୟ, ରଘୁନାଥପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ନିପୁଣ ଓଡ଼ିଶା ମେଳା ସମ୍ପର୍କରେ କହିଥିବାବେଳେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଆବାହକ ତନୁଶ୍ରୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆର୍‌ସିସି ବିଦ୍ୟୁତଲତା ସୂତାର ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ରତିକା ନାୟକ ଦେଶାତ୍ମବୋଧକ କବିତା ଗାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ହରିହର ଶତପଥୀ, ବିଭୂତି ଭୂଷଣ ଦାସ, ରମେଶ ଚନ୍ଦ୍ର ଲେଙ୍କା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଷମା ତନ୍ତୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦାକିନୀ ବେହେରା, ଶକୁନ୍ତଳା ମନ୍ଦୋଦରୀ, କଳାବତୀ ତନ୍ତୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଏସ୍‌ପିଏସ୍‌ବି ଆନ୍ତଃଇସ୍ପାତ କାରଖାନା ହକି ଚାମ୍ପିଅନସିପ୍ ଆରମ୍ଭ

**ରାଉରକେଲା,୧୯।୨(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର (ଆର୍‌ଏସ୍‌ପି) ଆନୁକୂଲ୍ୟରେ ଆୟୋଜିତ ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିଅନସିପ୍ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସହର ପ୍ରଶାସନ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନ୍-ଚାର୍ଜ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିଜୟ କୁମାର ଜୋଜୋ ଏବଂ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ସ୍ୱାଇଁ ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଖେଳାଳି ଏବଂ ମ୍ୟାଚ୍ ଅଧିକାରୀଙ୍କ ସହ ପରିଚିତ ହୋଇଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ସ୍ୱାଇଁ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ କ୍ରୀଡ଼ା ମନୋଭାବ ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ସଫଳତା କାମନା କରିଥିଲେ। ଉଲ୍ଲେଖନୀୟ ଯେ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ (ବିଏସ୍‌ପି), ଆର୍‌ଆଇଏନ୍‌ଏଲ୍, ଟାଟା ଷ୍ଟିଲ୍ ଏବଂ ଆୟୋଜକ ଆର୍‌ଏସ୍‌ପି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ, ଆର୍‌ଏସ୍‌ପି ଦଳ ୫ -୧ ଗୋଲରେ ଆର୍‌ଆଇଏନ୍‌ଏଲ୍ ଦଳକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ଦଳ ୬ -୧ ଗୋଲରେ ବିଏସ୍‌ପି ଦଳକୁ ପରାସ୍ତ କରିଥିଲା। ଏହାର ଫାଇନାଲ ମ୍ୟାଚ୍ ଆସନ୍ତା କାଲି ଖେଳାଯିବ ବୋଲି ଜଣାପଡ଼ିଛି।



# ଦଳପତି ମହାସଭା ରାଉରକେଲା ଶାଖାର ବାର୍ଷିକ ଉତ୍ସବ



ରାଉରକେଲା,୧୯।୨(ସମିସ): ଦଳପତି ମହାସଭା ରାଉରକେଲା ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରଜସୁନ୍ଦର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କାଳିଦାଶ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରକାରର ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ଲୋକେଶ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଉତ୍ସବରେ ରାଉରକେଲା ତଥା ଆଖପାଖରୁ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ହେମନ୍ତ ଜେନା ମନ୍ତ୍ର ପାଠ ଦ୍ୱାରା ସଭା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୁଇଜଣ ବୟୋଜ୍ୟେଷ୍ଠଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱଜିତ ଜେନା ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଶ୍ରବଣ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ବୈଠକରେ ଅରୁଣ ପାତ୍ର, ଲକ୍ଷ୍ମୀ କାନ୍ତ ରାଉତ, ବିରେନ୍ଦ୍ର ଦଳେଇ, ସୁଦର୍ଶନ ମହାନ୍ତି, କୃଷ୍ଣ ରାଉତ, ପ୍ରବୀଣ ରାଉତ, ସୁଶାନ୍ତ ଦଳେଇ ତଥା ଅନେକ ବ୍ୟକ୍ତି ବିଶେଷ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଏସ୍‌ଏମ୍‌ଏସ୍-୧ରେ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

**ରାଉରକେଲା,୧୯।୨(ସମିସ):** ରାଉରକେଲା ଇସ୍ପାତ କାରଖାନାସ୍ଥିତ ଏସ୍‌ଏମ୍‌ଏସ୍-୧ ବିଭାଗର ସମ୍ମିଳନୀ କକ୍ଷରେ ଠିକା ଶ୍ରମିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଏସ୍‌ଏମ୍‌ଏସ୍-୧ ବିଭାଗରେ ନିୟୋଜିତ ପ୍ରାୟ ୨୨୦ ଠିକା ଶ୍ରମିକ ଉପକୃତ ହୋଇଥିଲେ। ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି ସୁନୀଲ କାର୍ଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏହି ଶିବିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ମାନବ ସମ୍ବଳ ଠିକା ଶ୍ରମିକ ସେଲ ଦ୍ୱାରା କର୍ମଚାରୀ ଓ ରାଜ୍ୟ ବୀମା କର୍ପୋରେସନ ମଡେଲ୍ ହସ୍ପିଟାଲ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଇଏସ୍‌ଆଇ ମଡେଲ ହସ୍ପିଟାଲର ଡାକ୍ତର ଓ ଟେକ୍ନିସିଆନ ଏଇ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପାଦନ କରିଥିଲେ। ଶିବିରରେ ଠିକା ଶ୍ରମିକଙ୍କ ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ୍ ଗ୍ରୁପିଙ୍ଗ, ହେପାଟାଇଟିସ୍ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଠିକା ଶ୍ରମିକମାନଙ୍କୁ ସର୍ବେକ୍ଷଣ ଫର୍ମ ମଧ୍ୟ ଦିଆଯିବା ସହିତ ସର୍ବେକ୍ଷଣରେ ଚିହ୍ନଟ ରୋଗୀମାନଙ୍କୁ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପାଇଁ ଇଏସ୍‌ଆଇ ହସ୍‌ପିଟାଲକୁ ରେଫର୍ କରାଯାଇଥିଲା। ଆର୍‌ଏସ୍‌ପି ମାନବସମ୍ବଳ ଠିକା ଶ୍ରମିକ ସେଲ୍‌ର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିୟା ସିନ୍ଦୂର ଓ ବିଭାଗୀୟ ଦଳ ଦ୍ୱାରା ଏସ୍‌ଏମ୍‌ଏସ୍-୧ ବିଭାଗର ଏଜିଏମ୍ ଅନିକେତ ଅନତଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।




# ଆର୍‌ଏସ୍‌ପିରେ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ‘ରୋଶନି’

**ରାଉରକେଲା,୧୯।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ସେଣ୍ଟରଠାରେ ଆର୍‌ଏସ୍‌ପି ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ‘ରୋଶନି’ ଆୟୋଜିତ ହୋଇଯାଇଛି। ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ୍ ରାଜୀବ ସେହଗଲ ମୁଖ୍ୟ ଅତିଥି ଏବଂ ମାନବ ସମ୍ବଳ ସିଏଫ୍ ବିଭାଗର ଜିଏମ୍ ଇନ୍ ଚାର୍ଜ ଡକ୍ଟର ପିକେ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ଆଲୋଚନା ହୋଇଥିଲା। ଓଏଚ୍‌ଏସ୍‌ସିର ଡେପୁଟି ସିଏମ୍‌ଓ ଡାକ୍ତର ଏସ୍ କୁମାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ଏଜିଏମ୍ ସଞ୍ଜୟ ଗୌତମ ଡିଜିଟାଲ ଯୁଗରେ ଇଣ୍ଟରନେଟ୍‌ର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳନ ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ।

ସିପି-୨ ବିଭାଗର ଏଜିଏମ୍ ବାବୁଲା ନାହକ ନିଜର ମତ ଉପସ୍ଥାପନ କରିଥିଲେ। ଏଚ୍‌ଆର୍ ଇଆର୍ ଆଣ୍ଡ ସି ବିଭାଗର ଜୁନିୟର ମ୍ୟାନେଜର ଏସ୍ ପି ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା, ଜୁନିୟର ମ୍ୟାନେଜର ଏସ୍ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

# ନକଲି ଓମ୍‌ଫେଡ୍ ଘିଅ ବିକ୍ରି ଘଟଣା
# ଦୁଇ ଦୋକାନୀଙ୍କୁ ପଚରାଉଚରା; ରାକେଟ୍‌କୁ ଖୋଜୁଛି ପୁଲିସ

**ରାଉରକେଲା,୧୯।୨(ସମିସ)**

ଦୀର୍ଘ ୩ ମାସରୁ ଅଧିକ ହେବ ରାଉରକେଲା ସହରରେ ଚାଲିଥିଲା ନକଲି ଓମଫେଡ୍ ଘିଅର ଅବାଧ ବିକ୍ରି। ଅବିକଳ ଓମଫେଡ୍ ବ୍ରାଣ୍ଡର ଧଳା ପ୍ଲାଷ୍ଟିକ ଡବାରେ ଓମ୍‌ଫେଡ୍ ଫ୍ଲେଭର ଦିଆଯାଇ ବିକ୍ରି ହେଉଥିଲା ନକଲି ଓମଫେଡ୍ ଘିଅ। ତାହା ପୁଣି ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟରେ। ଯାହା କି ସନ୍ଦେହ ହେବା ପରେ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ପୁଲିସ ପକ୍ଷରୁ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହି ଆଧାରରେ ପୁଲିସ ଦୁଇଟି ଦୋକାନରେ ଚଢ଼ଉ କରି ଘିଅ ଜବତ କରିବା ସହ ଉଭୟ ଦୋକାନୀଙ୍କୁ ପଚରା ଉଚରା ଜାରି ରଖିଛି। ଏଥିରେ ଜଡ଼ିତ ଥିବା ରାକେଟ୍‌କୁ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ସୂଚନା ମୁତାବକ, ଓମଫେଡ୍‌ର ବାଲେଶ୍ୱର ଡାଏରୀରୁ ରାଉରକେଲା ସହରକୁ ଓମ୍‌ଫେଡ୍ ଘିଅ ଆସିଥାଏ। ମାତ୍ର ୩ ମାସ ହେଲା ଓମ୍‌ଫେଡ୍ ବ୍ରାଣ୍ଡର ଘିଅ ବଜାରରେ ନିର୍ଦ୍ଧାରିତ ଦର ଠାରୁ କମ୍ ମୂଲ୍ୟରେ ଉପଲବ୍ଧ ହୋଇ ଆସୁଛି। ତେଣୁ ଡିଲରମାନଙ୍କ ଘିଅ ବା ଅସଲି ଘିଅ ବିକ୍ରି ଉପରେ ବାଧା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଓମ୍‌ଫେଡ୍‌ର କେତେକ ଡିଲର ଜାଣିବା ପରେ ଓମଫେଡ୍‌ର ସ୍ଥାନୀୟ ମ୍ୟାନେଜର ଅରୁଣ କୁମାର ସିଂଙ୍କୁ ଜଣାଇଥିଲେ। ପରେ ମ୍ୟାନେଜର ଶ୍ରୀ ସିଂ ମାର୍କେଟ ନିରୀକ୍ଷଣ କରିବା ପରେ ନକଲି ଘିଅ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଗତକାଲି ଡିଏସ୍‌ପି ନିର୍ମଳ କୁମାର ମହାପାତ୍ର, ଜଗଦୀଶ ପଣ୍ଡା, ପ୍ଲାଣ୍ଟସାଇଟ୍ ପୁଲିସ ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ଥିବା ହରିରାମ ଟ୍ରେଡର୍ସ ଠାରେ ଚଢ଼ଉ କରିଥିଲା। ସେଠାରୁ ୪ କିଲୋଗ୍ରାମ ନକଲି ଓମଫେଡ୍ ଘିଅ ଜବତ କରାଯାଇଥିଲା।



ସେହିପରି ସେକ୍ଟର -୮ ଠାରେ ଚଢ଼ଉ କରାଯାଇ ୧୩ ଲିଟର ନକଲି ଓମ୍‌ଫେଡ୍ ଘିଅ ଜବତ କରାଯାଇଥିଲା। ଘିଅ ଜବତ ହୋଇଥିବା ଦୁଇ ଦୋକାନୀଙ୍କୁ ପୁଲିସ ପଚରା ଉଚରା ଚଳାଇଛି। ସେମାନଙ୍କୁ କିଏ ଚାଲାଣ କରୁଥିଲା, କେଉଁଠୁ ଆସୁଥିଲା? କେତେଜଣ ଏଥିରେ ସାମିଲ ଅଛନ୍ତି? ଏଭଳି ଅନେକ ଦିଗକୁ ନେଇ ପୁଲିସ ତନାଘନା ଜାରି ରଖିଛି। ତେବେ ଏହି ଘଟଣାରେ ଏକ ରାକେଟ ସକ୍ରିୟ ଥିବା ସୂଚନା ମିଳିଛି। ଘିଅ ଡବାରେ ଓମ୍‌ଫେଡ୍ କମ୍ପାନୀ ଲୋଗୋ ଲଗାଇ ଏହି କାରବାର ଚଳାଇ ଆସୁଥିବା ଜଣାପଡ଼ିଛି। ଜବତ ଘିଅର ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରିବାକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏହି ନକଲି ଓମ୍‌ଫେଡ୍ ଘିଅ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲିମାର୍କେଟ୍, ନାଲାରୋଡ୍, ସେକ୍ଟର - ୭ ଥାନା ଅନ୍ତର୍ଗତ ବିଭିନ୍ନ ମାର୍କେଟ, ସେକ୍ଟର-୩ ଅନ୍ତର୍ଗତ ଏନ୍‌ଆଇଟି ନିକଟସ୍ଥ ବିଭିନ୍ନ ଦୋକାନରେ ନକଲି ଓମ୍‌ଫେଡ୍ ଘିଅ ବିକ୍ରି ହେଉଥିବା ନେଇ ଓମ୍‌ଫେଡ୍ ପକ୍ଷରୁ ଅଭିଯୋଗ ପାଇବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଗତ କାଲି ଡିଏସ୍‌ପି ଶ୍ରୀ ମହାପାତ୍ର, ଡିଏସ୍‌ପି ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ପ୍ଲାଣ୍ଟସାଇଟ୍, ସେକ୍ଟର-୭, ସେକ୍ଟର-୩ ଥାନା ପୁଲିସ ଚଢ଼ଉ କରିଥିଲା। ଆଜି ମଧ୍ୟ ଏକ ଗୋଦାମରେ ପୁଲିସ ଚଢ଼ଉ କରିଥିଲା।

# ମା’ ତାରାତାରିଣୀ ପରିଷଦର କାର୍ଯ୍ୟକାରିଣୀ



**ରାଉରକେଲା,୧୯।୨(ସମିସ):** ସେକ୍ଟର-୬ ହିଲ୍‌ଟପ୍‌ସ୍ଥିତ ମା’ ତାରାତାରିଣୀ ପୀଠରେ ବିଜୟ ପାଢ଼ୀଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମା’ଙ୍କ ନବଦିନାତ୍ମକ ବାସନ୍ତୀକ ଦୁର୍ଗାପୂଜା ତଥା ମା’ଙ୍କ ନଗରଭ୍ରମଣ ଉପଲକ୍ଷେ ସମସ୍ତ ପ୍ରସ୍ତୁତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁବାସ ଚନ୍ଦ୍ର ପାଢ଼ୀ ଖର୍ଚ୍ଚ ବିଷୟରେ ଆଲୋକପାତ କରିଥିଲେ। ଭାସ୍କର ନନ୍ଦ ମନ୍ଦିର ସମ୍ମୁଖରେ ନବ ନିର୍ମିତ ସୌଧ ଏବଂ ତାର ସମସ୍ତ ଆନୁସଙ୍ଗିକ ଉନ୍ନତି କଳ୍ପେ ନିଜର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରବଣ ଦଳେଇ କିପରି ଶାନ୍ତି ଶୃଙ୍ଖଳା ସହିତ ଭକ୍ତବୃନ୍ଦ ଦର୍ଶନ କରିବେ ସେ ବିଷୟରେ ନିଜର ମତବ୍ୟକ୍ତ କରିଥିଲେ। ପ୍ରଶାନ୍ତ କୁମାର ପଣ୍ଡା ନଗର ଭ୍ରମଣ ବିଷୟରେ ନିଜର ସୁଚିନ୍ତିତ ମତ ରଖିଥିଲେ। ଶେଷରେ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପିଏମ୍ ବେହେରା, କାଳିଦାସ ପାତ୍ର, ସୁଶାନ୍ତ ଦଳେଇ, ବଂଶୀଧର ନାହାକ, ଲୋକେଶ ରାଉତ, ଅର୍ଜୁନ ପଣ୍ଡା, ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ଚୋରା ଲଘୁ ଖଣିଜ ଚାଲାଣ

# ବାଲିବୋଝେଇ ଗାଡ଼ି ଜବତ; ୩ ଗିରଫ









ରାଉରକେଲା, ୧୯।୨(ସମିସ)

ବିଶ୍ରା ଥାନା ତେତେରକେଲା ନଦୀ ଘାଟରେ କୋଏଲ ନଦୀରୁ ବେଆଇନ ବାଲି ଚାଲାଣ ଧରାପଡ଼ିଛି। ଦୈନିକ ଶହ ଶହ ସଂଖ୍ୟାରେ ଟିପର ଓ ହାଇୱାରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଏହା ବାଲି ମାଫିଆ ଭରତ ମାହାନ୍ତଙ୍କ ନେତୃତ୍ୱରେ ହେଉଥିଲା ବୋଲି ପୁଲିସ ତଦନ୍ତରୁ ଜାଣିପାରିଛି। ଆଜି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ବିଶ୍ରା ପୁଲିସ ଚଢ଼ଉ କରି ୩ ଜଣ ଟିପର ଚାଳକଙ୍କୁ ଗିରଫ କରିଥିବାବେଳେ ୩ଟି ବାଲି ବୋଝେଇ ଟ୍ରକକୁ ଜବତ କରିଛି। ଗିରଫ ଟିପର ଚାଳକ ହେଉଛନ୍ତି ବିଶ୍ରା ଥାନା ବିରକେରାର ସ୍ମାଇଲ ଟପ୍ନୋ(୩୫), ପୁରୁଣା ବିଶ୍ରାର ରୋହିତ ଗୌଡ(୨୪) ଏବଂ ହାଇୱା ଚାଳକ ବିଶ୍ରା ଚେକ୍ ଗେଟ ନିବାସୀ ସରଫରାଜ ଆଲାମ (୬୦)। ଏହା ୨ଟି ବାଲି ବୋଝେଇ ଟିପର ଓ ଗୋଟିଏ ବାଲି ବୋଝେଇ ହାଇୱାକୁ ବିଶ୍ରା ପୁଲିସ ଜବତ କରିଥିବା ଜଣାପଡ଼ିଛି। ସେମାନେ ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲାସ୍ଥିତ କୋଏଲ ନଦୀ ଘାଟରୁ ବେଆଇନ ଭାବେ ବାଲି ନେଇ ସାରୁବାହାଲ ଆଡକୁ ଯାଉଥିବା ବେଳେ ପୁଲିସ ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଧରିଥିଲା।

ସୂଚନାଯୋଗ୍ୟ ଯେ ଲଘୁ ଖଣିଜ ପଦାର୍ଥ ଯେମିତି ନଦୀ ବାଲିଘାଟ ଓ ପଥର କ୍ୱାରୀ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ଚାଲି ଯିବା ଦିନ ଠାରୁ ବିଶ୍ରା ତେତେରକେଲା ସ୍ଥିତ କୋଅଲ ନଦୀ ଘାଟରୁ ବାଲି ଉଠାଇବା ପାଇଁ ଅକ୍ସନ ହୋଇ ନାହିଁ। ଯାହାର ସୁଯୋଗରେ ଭରତ ମାହାନ୍ତ ୨ ବର୍ଷ ହେବ ବେଆଇନ ଭାବେ ବାଲି ଚୋରା ଚାଲାଣ କରି ଆସୁଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ କୋଏଲନଦୀ ଗର୍ଭରେ ଜେସିବି ବା ପୋକ୍ଲେନ ବ୍ୟବହାରକୁ ନିଷିଦ୍ଧ କରାଯାଇଥିବା ବେଳେ ସେଠାରେ ବେଆଇନ ଭାବେ ଜେସିବି ଓ ପୋକ୍ଲେନ ବ୍ୟବହାର କରାଯାଇ ନଦୀ ଉତ୍ତୋଳନ କରାଯାଉଛି। ଆଉ ଦୈନିକ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ଟିପର, ହାଇୱା ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି। ଏଥିରେ ଖଣି ବିଭାଗର ଅଧିକାରୀମାନେ ସମ୍ପୃକ୍ତ ଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ସେହିପରି ଝିରପାଣିସ୍ଥିତ ଝିରପାଣି ନଦୀ ଘାଟର ଲିଜ୍ ନ ଥିବା ବେଳେ ଜଣେ ରାଜନେତା ବେଧଡକ ଭାବେ ବାଲି ଖନନ କରୁଥିବା ଅଭିଯୋଗ ହୋଇଛି। ତେବେ ପୁଲିସ ଖାଲି ବାଲି ବୋଝେଇ ଟ୍ରକ ବା ହାଇୱା ଚାଳକଙ୍କୁ ଗିରଫ କରି ବାହା ବା ନେଇଥିବା ବେଳେ ବାଲି ମାଫିଆଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ।

● ଧାନ କିଣା ଶେଷ

## ମିଳିଲାନି ଟୋକନ୍; ବହୁ ଚାଷୀ ବଞ୍ଚିତ

ସୁନ୍ଦରଗଡ଼, ୧୯।୨(ସମିସ): ଖରିଫ ଧାନ ସଂଗ୍ରହରେ ନିୟୋଜିକ ଲେଫ୍ରିପଡ଼ା ବ୍ଲକର କୋଲାବିରାସ୍ଥିତ ମେଘନା ଏସ୍‌ଏଚ୍‌ଜି ଧାନ ସଂଗ୍ରହ ସମାପ୍ତ କରିଛି। ତେବେ ଉକ୍ତ ଏସ୍‌ଏଚ୍‌ଜିରେ ଧାନ ବିକ୍ରି ପାଇଁ ପଞ୍ଜିକୃତ କିଛି ଚାଷୀ ଟୋକନ୍ ନପାଇ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେଥିମଧ୍ୟରୁ ୩ ଜଣ ଚାଷୀଙ୍କ ନିକଟକୁ ଟୋକନ ଆସି ନ ଥିବାବେଳେ ଟୋକନ ଥାଇ ମଧ୍ୟ ୫ ଜଣ ଚାଷୀ ଧାନ ବିକ୍ରି କରି ପାରି ନ ଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଏହି ଏସ୍‌ଏଚ୍‌ଜି ମାଧ୍ୟମରେ ୨୬୪ ଜଣ ଚାଷୀ ୧୮୩୨୫ କ୍ୱିଣ୍ଟାଲ ୪୭ କିଲୋ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଟୋକନ ପାଇ ନ ଥିବା ଏବଂ ବିକ୍ରିରୁ ବଞ୍ଚିତ ହୋଇଥିବା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।



● ମହିଳାଙ୍କ ଶବ ସତ୍କାର ଘଟଣାର ଭିନ୍ନ ମୋଡ଼

## ହତ୍ୟା ମାମଲା ରୁଜୁ; ପୁଲିସର ତନାଘନା

ସୁନ୍ଦରଗଡ଼, ୧୯।୨(ସମିସ): ତଳସରା ଥାନା ଅନ୍ତର୍ଗତ ଦେଓଗାଁ କୁଟରାର ଜନୈକା ମହିଳାଙ୍କ ଶବ ସତ୍କାର ଘଟଣା ଭିନ୍ନ ମୋଡ଼ ନେଇଛି। ସମ୍ପୃକ୍ତ ମହିଳା ମିତ୍ର ବାଡାଙ୍କ ସ୍ତ୍ରୀ ଫୁଲବାସ ବାଡା (୪୩)ଙ୍କ ଭାଇ ଉଗ୍ରସେନ ମାଝୀ ଥାନାରେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ମାଟି ତଳୁ ମୃତଦେହ ଜବତ କରିଛି। ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ମହିଳା ଜଣକ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଦର୍ଶାଇ ପରିବାରରେ ଲୋକେ ପୋତି ଦେଇଥିଲେ। ସେମାନେ ଏ ନେଇ ଥାନାରେ ଅଭିଯୋଗ କରି ନ ଥିଲେ। ତେବେ ଖବର ପାଇ ଉକ୍ତ ମହିଳାଙ୍କ ଭାଇ ଉଗ୍ରେସନ ଥାନାରେ ପହଞ୍ଚି ହତ୍ୟା ଅଭିଯୋଗ ଆଣିଥିଲେ। ପୁଲିସ କେତେକ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି।

● ଶ୍ରୀହରି ସ୍ପିନର୍ସରେ କାର୍ଯ୍ୟବନ୍ଦ ଆନ୍ଦୋଳନ ୮ମ ଦିନରେ

## ତ୍ରିପାକ୍ଷିକ ଆଲୋଚନା ସ୍ଥଗିତ

ସୁନ୍ଦରଗଡ଼, ୧୯।୨(ସମିସ): କିରେଇସ୍ଥିତ ଶ୍ରୀହରି ସ୍ପିନର୍ସର ଶ୍ରମିକମାନେ ବିଭିନ୍ନ ଦାବିରେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ଅଷ୍ଟମ ଦିନରେ ଅଷ୍ଟମ ଦିନରେ ପହଞ୍ଚିଛି। ତଥାପି ସମାଧାନର କୌଣସି ସୂତ୍ର ବାହାରି ନାହିଁ। ଯୁଗ୍ମ ଶ୍ରମ କମିସନରଙ୍କ ପକ୍ଷରୁ ଆଜି ଅପରାହ୍ଣ ୩ଟାରେ ହେବାକୁ ଥିବା ଆଲୋଚନା ବୈଠକକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଛି। ଏ ସ୍ଥିତିରେ ଶ୍ରମିକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରିରହିଛି। ସୂଚନାଯୋଗ୍ୟ, ୮ ଘଣ୍ଟା କାମ, ଓଭର୍ ଟାଇମ ପାଇଁ ଦୁଇଗୁଣା ପାଉଣା, ପୁରୁଣା ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପୁରାତନ ବକେୟା ପାଉଣା, ଶ୍ରମିକ ପରିଚୟପତ୍ର ପ୍ରଦାନ, ଦରମା ବିବରଣୀ ପତ୍ର ଦିଆଯିବ। ଆଦିର ଦାବିରେ ଉକ୍ତ କାରଖାନାର କାର୍ଯ୍ୟରତ ଶ୍ରମିକମାନେ ଗତ ୧୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ସୁନ୍ଦରଗଡ଼, ୧୯।୨(ସମିସ): ସର୍ଦ୍ଧାପାଲି-ମହୁଲପାଲି ରାସ୍ତାର ଭଷ୍ମା ଥାନା ଅନ୍ତର୍ଗତ ସୁର୍ଡା ବାଲାଜୀ କ୍ୟାମ୍ପ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ସୋଲପାଲି ଗ୍ରାମର ଦାଶରଥି ସିଂ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାଇକ୍‌ରେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରୁ ତାଙ୍କ ଘରକୁ ଫେରୁଥିବାବେଳେ ଘଟଣାସ୍ଥଳରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବୁଧବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ଥାନା ଆଗରୁ ଟଙ୍କା ଚୋରି; ଜଣେ ଗିରଫ

ସୁନ୍ଦରଗଡ଼, ୧୯।୨(ସମିସ): ସୁନ୍ଦରଗଡ଼ ସହରର ଜଣେ ବ୍ୟବସାୟୀ ସୁନ୍ଦରଗଡ଼ ସଦର ଥାନାକୁ ଆସିଥିବାବେଳେ ତାଙ୍କ କାର୍‌ରେ ଥିବା ଟଙ୍କା ବ୍ୟାଗରୁ ଜଣେ ଅଭିଯୁକ୍ତ ଲକ୍ଷାଧିକ ଟଙ୍କା ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ସିସି ଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ବନ୍ଧପାଲି କୁର୍ଲୁଢିପାର ସୁପକ ସରେଙ୍ଗ (୨୦)। ତାଙ୍କ ଠାରୁ ୨ ଲକ୍ଷ ୫୫ ହଜାର ଟଙ୍କା ଜବତ ହୋଇଛି। ସୁନ୍ଦରଗଡ଼ ସହରର ବ୍ୟବସାୟୀ ଆଶିଷ ଅଗ୍ରୱାଲ ଜମି ବିବାଦ ନେଇ ଥାନାକୁ ତାଙ୍କ କାର୍‌ରେ ଆସିଥିଲେ। ଆଗରେ ତାଙ୍କ ଗାଡ଼ିକୁ ରଖି ଥାନାକୁ ପଶିବାବେଳେ ଅସାବଧାନତାବଶତଃ ଗାଡ଼ିର ଡୋର୍ ଲକ୍ କରି ନଥିଲେ। ଏହି ସୁଯୋଗରେ ଅଭିଯୁକ୍ତ ତାଙ୍କ ବ୍ୟାଗରୁ ଟଙ୍କା ନେଇ ଚମ୍ପଟ ମାରି ଥିଲା।

## ହେମଗିରି ଥାନା ଆଇଆଇସିଙ୍କ ବଦଳି

ସୁନ୍ଦରଗଡ଼, ୧୯।୨(ସମିସ): ହେମଗିରି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ଶେଷରେ ଏହି ଥାନାରୁ ଆଜି ବଦଳି ହୋଇଛନ୍ତି। ଗତ ୧୩ ତାରିଖରେ ଲେଫ୍ରିପଡ଼ା ଥାନା ଆଇଆଇସି ଭାବେ ଯୋଗ ଦେଇଥିବା ଚିତ୍ତରଞ୍ଜନ ନାୟକଙ୍କୁ ହେମଗିରି ଥାନାକୁ ବଦଳି କରାଯାଇଛି। ହେମଗିରି ଆଇଆଇସି ଶ୍ରୀ ସାହୁ ତାଙ୍କୁ ଦାୟିତ୍ୱ ଦେଇ ଏହି ଥାନାରୁ ରିଲିଭ ହୋଇଛନ୍ତି।

ଏଥିପୂର୍ବରୁ ହେମଗିରି ଆଇଆଇସି ଶ୍ରୀ ସାହୁଙ୍କ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଥିଲେ ହେଁ ସେଠାରେ ଯୋଗ ଦେଇ ନ ଥିଲେ। ଗତ ବର୍ଷ ଫେବୃଆରୀ ମାସରେ ଲେଫ୍ରିପଡ଼ା ଥାନାରୁ ରାଉରକେଲା ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ଶ୍ରୀ ନାୟକ ସାଧାରଣ ନିର୍ବାଚନ ପରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲାକୁ ପୁଣି ବଦଳି ହୋଇଥିଲେ। କିଛି ଦିନ ତାଙ୍କୁ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥାପିତ କରା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ତାଙ୍କୁ ଲେଫ୍ରିପଡ଼ା ଥାନାରେ ପୁଣି ଥରେ ଅବସ୍ଥାପିତ କରା ଯାଇଥିଲା।

## ଲୁହୁରାଢିପା ବସ୍‌ଷ୍ଟାଣ୍ଡରୁ ଉଠାଦୋକାନୀ ଉଚ୍ଛେଦ

ସୁନ୍ଦରଗଡ଼, ୧୯।୨(ସମିସ): ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ବୁଧବାର ଲୁହୁରାଢିପା ବସ୍ ଟର୍ମିନାଲ୍‌ରେ ଥିବା ୨୭ଟି ଉଠା ଦୋକାନ ଉଚ୍ଛେଦ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ତଥା ସଦର ତହସିଲଦାର କୁଳମଣି ରଣବିଡ଼ାଙ୍କ ଉପସ୍ଥିତିରେ ଜେସିବି ଲଗାଇ ଉକ୍ତ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଟାଉନ ଆଇଆଇସି ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ବାହିନୀ ମୁତୟନ ହୋଇଥିଲେ। ଏହି ଉଚ୍ଛେଦ ପରେ ସମ୍ପୃକ୍ତ ଉଠା ଦୋକାନୀଙ୍କ ଜୀବନ ଜୀବିକା ବିପନ୍ନ ହୋଇପଡ଼ିଛି। ତେବେ ପୌରାଧ୍ୟକ୍ଷା ତନୟା ମିଶ୍ରକହିଛନ୍ତି ଯେ ସମ୍ପୃକ୍ତ ଦୋକାନୀମାନେ ତାଙ୍କ ଜୀବିକା ପାଇଁ ଠେଲା ଗାଡ଼ି ମାଧ୍ୟମରେ ଦିନ ବେଳା ବିକ୍ରିବଟା କରି ସନ୍ଧ୍ୟାରେ ହଟାଇ ପାରିବେ। ଆଗାମୀ ଦିନରେ ତାଙ୍କ ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ଉକ୍ତ ବସ୍ ଟର୍ମିନାଲ ପରିସରରେ ଅନେକ ଦିନ ତଳୁ ୩ଟି ବ୍ଲକରେ ୫୭ଟି ଦୋକାନ ଗୃହ ନିର୍ମାଣ କରାଯାଇଛି। ବ୍ଲକ-ଏ'ରେ ୧୧ଟି ଦୋକନ ଗୃହ ରହିଥିବାବେଳେ ବ୍ଲକ - ବି'ରେ ୮ଟି ଓ ବ୍ଲକ - ସି'ରେ ୩୮ ଦୋକାନ ଗୃହ ରହିଛି। ତେବେ ବ୍ଲକ - ବି' ଓ ସି'ର କୌଣସି ଦୋକାନ ଗୃହ ଆବଣ୍ଟନ ହୋଇପାରିନାହିଁ। ଫଳରେ ଏଠାରେ ଉଠା ଦୋକାନୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହି ଉଠା ଦୋକାନ ମାନଙ୍କରେ ଅସାମାଜିକ କାର୍ଯ୍ୟକଳାପ ଦେଖାଦେଇଥିଲା। ଏପରିକି କିଛି ଦିନ ତଳେ କିଛି ଅସାମାଜିକ ବ୍ୟକ୍ତି ବସ୍ କର୍ମଚାରୀଙ୍କ ସମେତ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା। ଏହା ପରେ ଏଠାରେ ଉଠା ଦୋକାନ ଉଚ୍ଛେଦ ଦାବି ଜୋର ଧରିଥିଲା।



## ଏମ୍‌ଆର୍‌ଆଇ ପରୀକ୍ଷଣ ସୁବ୍ୟବସ୍ଥିତ କରିବାକୁ ଦାବି



ସୁନ୍ଦରଗଡ଼, ୧୯।୨(ସମିସ): ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଡାକ୍ତରଖାନାର ପ୍ରଶାସନିକ ଅଧିକାରୀଙ୍କଠାରେ ଏମ୍‌ଆର୍‌ଆଇ ପରୀକ୍ଷଣକୁ ସୁବ୍ୟବସ୍ଥିତ କରିବାକୁ ବୁଧବାର ଦାବି ଜଣାଇଛନ୍ତି। ଉକ୍ତ ଡାକ୍ତରଖାନାରେ ଏମ୍‌ଆର୍‌ଆଇ ମେସିନ ଖଞ୍ଜା ଯାଇଥିବା କୋଠାରେ ବିଜୁଳି ସଂଯୋଗ ବ୍ୟବସ୍ଥା ଠିକ ନାହିଁ। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ସ୍ଥାନୀୟ ପୂର୍ତ୍ତ ବିଭାଗ ଏବଂ ଜିଇଡି ବିଭାଗକୁ ପତ୍ର ଲେଖିଛନ୍ତି। ତେବେ କାମର ଦାୟିତ୍ୱ ନେଇଥିବା ଜିଇଡି ବିଭାଗର ଠିକାଦାର ଆଜି କାଲି କହି ଦିନ ଗଡ଼ାଇ ଚାଲିଛନ୍ତି। ଏ ସ୍ଥିତିରେ ଏଠାରେ ଏମ୍‌ଆର୍‌ଆଇ ମେସିନ ଥାଇ ବି ପରୀକ୍ଷଣ ହୋଇପାରୁନାହିଁ। ରୋଗୀ ବାହାରେ ଏମ୍‌ଆର୍‌ଆଇ ପରୀକ୍ଷଣ କରାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ସ୍ଥିତିରେ ବିଜେଡି ପ୍ରତିନିଧିମଣ୍ଡଳୀ ଲୋକଙ୍କ ସୁବିଧା ଦୃଷ୍ଟିରୁ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ପ୍ରଶାସନିକ ଅଧିକାରୀ ରୀତା ଡାଙ୍ଗଙ୍କୁ ସକ୍ଷାତ କରି ଏହାକୁ ତୁରନ୍ତ ସୁବ୍ୟବସ୍ଥିତ କରିବାକୁ ଦାବି ଜଣାଇଥିଲେ। ସେହିପରି ସେମାନେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଇବାରେ ଏହି ମାସ ଶେଷ ସୁଦ୍ଧା କାର୍ଯ୍ୟକୁ ନିଶ୍ଚିତ ଭାବେ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସୁନ୍ଦରଗଡ଼ ସଦର ବିଧାୟକଙ୍କ ପ୍ରତିନିଧି ଜୟନାରାୟଣ ତ୍ରିପାଠୀଙ୍କ ସମେତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର କୈଳାସ ତନ୍ତୀ, ଏମ୍‌ଡି କଲିମ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ କୋର୍ଟଚାଲାଣ

ରାଉରକେଲା, ୧୯।୨(ସମିସ): ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବନ୍ଧମୁଣ୍ଡା ଥାନା ପୁଲିସ ଆଜାଦ ଓରଫ ଆନନ୍ଦ ସିଂ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ଥାନାଞ୍ଚଳର ୮ ବର୍ଷୀୟା ନାବାଳିକ ଗତ କିଛି ଦିନ ପୂର୍ବେ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ଆଜାଦ ଦୁର୍ବ୍ୟବହାର କରିଥିଲେ। ଏହା ପୂର୍ବରୁ ମଧ୍ୟ ସମ୍ପୃକ୍ତ ଯୁବକ ଜଣକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଦୁହେଁ ପଡ଼ୋଶୀ ହୋଇଥିବା ବେଳେ ଅଭିଯୁକ୍ତ ଶ୍ରମିକ ଭାବେ କାମ କରନ୍ତି।

## କଣ୍ଠିଆମୁରା ବିଦ୍ୟାଳୟର ବାର୍ଷିକୋତ୍ସବ



ବଡ଼ଗାଁ, ୧୯।୨(ସମିସ): ବଡ଼ଗାଁ ବ୍ଲକ କଣ୍ଠିଆମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବରିଷ୍ଠ ନାଗରିକ ତଥା ପ୍ରାକ୍ତନ ଶିକ୍ଷା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯୁଧିଷ୍ଠିର ବାଡ଼ା, ସିଆର୍‌ସିସି ଦୁର୍ଗାମାଧବ ବେହେରା, ଗାଁ ମୁଖିଆ ତୁଳାରାମ ହୋତା ଓ ସାମ୍ବାଦିକ ଅନୁପ ବିଶି ଯୋଗଦେଇ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ସ୍କୁଲର ଇତିହାସ ଓ ବର୍ତ୍ତମାନ ବିଷୟରେ ଆଲୋଚନା କରି କୁନି କୁନି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାର ଶିକ୍ଷକଶିକ୍ଷୟିତ୍ରୀଙ୍କ ଗୁରୁ ଦାୟିତ୍ୱ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆୟୋଜନରେ ସ୍କୁଲ ଶିକ୍ଷୟିତ୍ରୀ ସୁଷମା ନାଏକ, ବବିତା ସାହୁ କବିତା ରାଣୀ ଷଡ଼ଙ୍ଗୀ, ଗ୍ରାମବାସୀ ରତ୍ନାକର ସା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଷମା ନାଏକ ଧନ୍ୟବାଦ ଦେଇଥିଲେ।

## ସେମିନା ୟୁପି ସ୍କୁଲର ବାର୍ଷିକୋତ୍ସବ

ସୁନ୍ଦରଗଡ଼, ୧୯।୨(ସମିସ): ସୁନ୍ଦରଗଡ଼ ସଦର ବ୍ଲକ ସେମିନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ସାରଙ୍ଗଧର ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ପିଲାଙ୍କ ପ୍ରତି ମା'ର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜେନାମଣି ନାଏକ, ସିଆର୍‌ସିସି ମଞ୍ଜୁ କୁମ୍ଭାର, ସ୍କୁଲ ପରିଚାଳନା କମିଟି ସଭାପତି ନିର୍ମଳ କୁମ୍ଭାର, ଲଙ୍କାହୁଡ଼ା ସମିତି ସଭ୍ୟ ରାଣା ପ୍ରତାପ ସିଂ ଓ ସରପଞ୍ଚ ସୁଜାତା ନାଏକ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଆମ ସଂସ୍କୃତି ଆମ ଖେଳନାର ଟିଏଲ୍‌ଏମ୍ ଦେଖି ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ସେହିପରି ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମମତା କର, ସହକାରୀ ଶିକ୍ଷୟିତ୍ରୀ ରାଜେଶ୍ୱରୀ ପଟେଲ, ସୂର୍ଯ୍ୟ ନାରାୟଣ ସିଂ, ପ୍ରଣିତା ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।



## ଲମ୍ପେଇବାହାଲ ମଦ ଭାଟି ଉଚ୍ଛେଦ ଦାବି

ସୁନ୍ଦରଗଡ଼, ୧୯।୨(ସମିସ)

ହେମଗିରି ବ୍ଲକ କୁଲୁମବାହାଲ ଗ୍ରାମପଞ୍ଚାୟତସ୍ଥିତ ୧୦ ନମ୍ବର ୱାର୍ଡର ବୁଦେଲକାନି ଲମ୍ପେଇବାହାଲ ଠାରେ ଥିବା ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟି ଉଚ୍ଛେଦ କରିବାକୁ ବୁଦେଲକାନୀ, କୁସୁମେଲ ଓ ଲମ୍ପେଇବାହାଲ ଗ୍ରାମବାସୀ ସୁନ୍ଦରଗଡ଼ ଅବକାରୀ ଅଧୀକ୍ଷକଙ୍କ ଠାରେ ଦାବି କରିଛନ୍ତି। ସମ୍ପୃକ୍ତ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମଦ ଭାଟି ଯୋଗୁଁ ଅଞ୍ଚଳରେ ବ୍ୟାପକ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଯୁବପିଢ଼ି ନିଶା କବଳରେ ପଡ଼ିବା ଫଳରେ ଅନେକ ପରିବାର ଉଜୁଡ଼ିଯାଉଛି। ଅଞ୍ଚଳର ପୁରୁଷ ମହିଳା, ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ସାଂଘାତିକ ଭାବେ ସାମାଜିକ ଓ ଅର୍ଥନୈତିକ ଦୁର୍ଗତିକୁ ଡାକିଆଣୁଛି। ଏହା କେବଳ ସେମାନଙ୍କ ସ୍ୱାସ୍ଥ୍ୟକୁ ନଷ୍ଟ କରୁ ନାହିଁ, ମଦର ଅନାବଶ୍ୟକ ଖର୍ଚ୍ଚ ପରିବାର ଉପରେ ବୋଝ ପକାଉଛି। ଅଞ୍ଚଳରେ ଲୋକେ ଜୀବିକା ନିର୍ବାହ କରିବା ପାଇଁ ସଂଘର୍ଷ କରୁଥିବାବେଳେ ମଦ ନିଶା ସେମାନଙ୍କ ଆର୍ଥିକ ସ୍ଥିତିକୁ ବିପନ୍ନ କରୁଛି। ଏଥିଯୋଗୁଁ ବିଶେଷ କରି ମହିଳାମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୀମିତ ସମ୍ବଳରେ ପରିବାର ପରିଚାଳନା କରିବା ଅସମ୍ଭବ ହୋଇପଡୁଛି। ପୁରୁଷମାନେ ଅତ୍ୟଧିକ ମଦ୍ୟ ପାନ କରି ଅଧିକାଂଶ ସମୟରେ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଛନ୍ତି। ବ୍ୟାପକ ମଦ୍ୟପାନ ପୁରୁଷ ମାନଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପକାଇବା ସହିତ ସେମାନଙ୍କ କାର୍ଯ୍ୟ ଦକ୍ଷତା ଓ ଉତ୍ପାଦକ ହ୍ରାସ ପାଉଛି। ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଉଛି। ପରିବାର ଓ ଗାଁ'ର ସାମାଜିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ବାରମ୍ବାର ସଂଘର୍ଷ, ପାରିବାରିକ ବିବାଦ ଏବଂ ପାରମ୍ପରିକ ମୂଲ୍ୟବୋଧର ଅବକ୍ଷୟ ସାଧାରଣ କଥା ହୋଇଗଲାଣି। ଏହା ସାମାଜିକ ଢାଞ୍ଚା ଓ ପିଲାମାନଙ୍କ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରୁଛି। ଏଣୁ ଉକ୍ତ ମଦ ଭାଟିକୁ ସେମାନେ ଉଚ୍ଛେଦ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ସୁନ୍ଦରଗଡ଼ ଅବକାରୀ ଅଧୀକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚଢ଼ଉ କରାଯାଇ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି, ତେବେ ଲମ୍ପେଇବାହାଲ ମଦ ଭାଟି ଉଚ୍ଛେଦ ନେଇ ପ୍ରସ୍ତାବ ନ ଥିବା କହିଛନ୍ତି।

